# ଢେଙ୍କାନାଳ ଜିଲାରେ ୬୫.୯୧% ମତଦାନ

■ଇଭିଏମ୍‌ରେ ତ୍ରୁଟି ଯୋଗୁ କେତେକ ସ୍ଥାନରେ ବିଳମ୍ବରେ ମତଦାନ
■ପରଜଙ୍ଗ ନିର୍ବାଚନମଣ୍ଡଳୀର ବାଘମୁଣ୍ଡା ଗ୍ରାମରେ ଭୋଟ ବର୍ଜନ
■ମତଦାନ କେନ୍ଦ୍ରରେ ଭାଜପା ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ

ଢେଙ୍କାନାଳ,୨୫ା୫(ରତନ ନାୟାର)

ଢେଙ୍କାନାଳ ଜିଲାର ସମସ୍ତ ବୁଥରେ ଶନିବାର ଭୋଟ ଗ୍ରହଣ ଶେଷ ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ଢେଙ୍କାନାଳ ଜିଲାରେ ୬୫.୯୧ ପ୍ରତିଶତ ମତଦାନ ହୋଇଛି। ସେହିପରି ଢେଙ୍କାନାଳ ବିଧାନସଭା କ୍ଷେତ୍ରରେ ୬୨.୮୬ ପ୍ରତିଶତ, ହିନ୍ଦୋଳ ବିଧାନସଭା କ୍ଷେତ୍ରରେ ୬୪.୧୮ ପ୍ରତିଶତ, କାମାକ୍ଷାନଗରରେ ୬୯.୯୪ ପ୍ରତିଶତ ଓ ପରଜଙ୍ଗରେ ୬୭.୭୦ ପ୍ରତିଶତ ମତଦାନ ହୋଇଥିଲା। ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀ ନୂଆବଗ ପଞ୍ଚାୟତ ବାହାଲୁଣ୍ଡା ଗ୍ରାମର ୧୩୬ନଂ. ବୁଥ୍‌ରେ ଭାଜପା ପୋଲିଂ ଏଜେଣ୍ଟ ଶୁକଦେବ ପଟ୍ଟନାୟକ ହଠାତ୍ ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ରାସୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ବୁଥରେ ମତଦାନ ଜାରି ରହିଥିଲା। ସେହିପରି ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀର ବାଘମୁଣ୍ଡା ଗ୍ରାମର ୬୫ନଂ ବୁଥ୍ ଅଞ୍ଚଳରେ ରାସ୍ତା ସମସ୍ୟା ପାଇଁ ଅଞ୍ଚଳବାସୀ ଭୋଟ ବର୍ଜନ କରିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା ନିର୍ମାଣ ନ କରିବାରୁ ଏହାର ପ୍ରତିବାଦରେ ଅଞ୍ଚଳବାସୀ ଭୋଟ ବର୍ଜନ କରିଥିଲେ।

ଢେଙ୍କାନାଳ ପୌରାଞ୍ଚଳର କୁଞ୍ଜକାନ୍ତ ପ୍ରାଥମିକ ବିଦ୍ୟାଳୟର ୧୭୨ ଓ ଜୁବୁଲିଟାଉନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୭୮ନଂ ବୁଥ୍‌ରେ ମକଡ୍ରିଲ ସତ୍ତ୍ୱେ ଇଭିଏମ୍ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ବୁଥଗୁଡିକରେ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିବା ବେଳେ ପ୍ରବଳ ଖରା ସତ୍ତ୍ୱେ ଭିଡ ଲାଗି ରହିଥିବା ଦେଖାଯାଇଥିଲା। ବରିଷ୍ଠ ନାଗରିକମାନେ ମଧ୍ୟ ହୁଇଲ ଚେୟାରରେ ଆସି ମତଦାନ କରିଥିଲେ। ଢେଙ୍କାନାଳ ସହର କୁଞ୍ଜକାନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ୧୭୧ନଂ. ବୁଥ୍‌ରେ ଧରିତ୍ରୀ ଓ ଓରିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଏବଂ ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ଶତପଥୀ ମତଦାନ କରିଥିଲେ। ସେହିପରି ଜୁବୁଲିଟାଉନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୭୭ନଂ ବୁଥରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜା କାମାକ୍ଷା ପ୍ରସାଦ ସିଂହଦେଓ, ତାଙ୍କ ସ୍ତ୍ରୀ ରାଣୀ ସାବିତ୍ରୀ ଦେବୀ ପରିବାର ସହ ଆସି ମତଦାନ କରିଥିଲେ। ଉକ୍ତ ବିଦ୍ୟାଳୟର ୧୭୮ନଂ ବୁଥ୍‌ରେ ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ମତଦାନ କରିଥିଲେ। ମୀନାବଜାର କୁମ୍ଭାରସାହି ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ୧୮୬ନଂ ବୁଥରେ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ଢେଙ୍କାନାଳ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ସୁଧୀର କୁମାର ସାମଲ ମତଦାନ କରିଥିଲେ। ସେହିପରି ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ସହରସ୍ଥିତ କାଠଗଡା ଆଶ୍ରମ ପରିସରରେ ଥିବା ୧୬୯ନଂ ବୁଥରେ ମତଦାନ କରିଥିଲେ। ବହୁ ସଂଖ୍ୟାରେ ନୂଆ ଭୋଟର ଉତ୍ସାହର ସହ ମତଦାନ କରୁଥିବା ଦେଖାଯାଇଥିଲା। ଢେଙ୍କାନାଳ ପୌରାଞ୍ଚଳରେ ସଖୀ ବୁଥ୍ ଗୁଡିକରେ ସାଜସଜ୍ଜା ହେବା ସହ ସେଲଫି ପଏଣ୍ଟ ହୋଇଥିଲା। ଯୁବ ଭୋଟରମାନେ ସେଲଫି ପଏଣ୍ଟର ମଜା ନେଇଥିଲେ। ସଖୀ ବୁଥ୍ ଗୁଡିକରେ ମହିଳା ପୋଲିଂ ଅଧିକାରୀଙ୍କ ସମେତ ସୁରକ୍ଷା ପାଇଁ ମଧ୍ୟ ମହିଳା କର୍ମଚାରୀ ନିୟୋଜିତ ହୋଇଥିଲେ। ସେହିପରି ବିଭିନ୍ନ ଅଞ୍ଚଳରେ ମତଦାନ ପାଇଁ ଚିରକୁଟ୍ ପହଞ୍ଚି ନ ଥିବାରୁ ବହୁ ଭୋଟର ଭୋଟ ପରିଚୟପତ୍ର ଥାଇ ମଧ୍ୟ ଭୋଟଦାନରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।




ଢେଙ୍କାନାଳ ବିଜେଡି ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ଓ ଢେଙ୍କାନାଳ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ମତଦାନ କରି ଫେରୁଛନ୍ତି।



ଢେଙ୍କାନାଳ ୧୭୨ନଂ ବୁଥରେ ଜଣେ ବରିଷ୍ଠ ନାଗରିକ ମତଦାନ କରି ଫେରୁଛନ୍ତି।



ମତଦାନ ଶେଷ ହେବା ପରେ ମହିଷାପାଟ ଇଭିଏମ ସେଣ୍ଟରକୁ ରାତିରେ ପୋଲିଂ କର୍ମଚାରୀ ଇଭିଏମ ସହ ଫେରୁଛନ୍ତି ।



ଢେଙ୍କାନାଳ ସହର ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ବୁଥରେ ଯୁବ ଭୋଟରମାନେ ପରିଚୟପତ୍ର ଧରି ଛିଡ଼ା ହୋଇଛନ୍ତି।



ଆମ୍ ଆଦମୀ ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର

# ପ୍ରଥମକରି ଭୋଟଦାନ କରି ବହୁତ ଖୁସି ଲାଗୁଛି: ସ୍ୱପ୍ନା

ଢେଙ୍କାନାଳ,୨୫ା୫(ରତନ ନାୟାର)

ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ ଶନିବାର ପ୍ରଥମ ଥର ପାଇଁ ଭୋଟ ଦେଇଛନ୍ତି। ଢେଙ୍କାନାଳ ସହର କୁଞ୍ଜକାନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ୧୭୧ନଂ. ବୁଥ୍‌ରେ ସେ ଭୋଟ ପ୍ରଦାନ କରିଥିଲେ। ଏହାପରେ ସେ ବୁଥ୍ ପରିସରରେ ମତଦାତାଙ୍କ ପାଇଁ ଉଦ୍ଦିଷ୍ଟ ସେଲଫି ପଏଣ୍ଟରେ ସେଲଫି ମଧ୍ୟ ନେଉଥିବା ଦେଖାଯାଇଥିଲା। ପ୍ରଥମକରି ଭୋଟ ଦେଇଥିବା ସ୍ୱପ୍ନା କହିଛନ୍ତି, ମତଦାନ ଦିବସକୁ ଲୋକତନ୍ତ୍ର ଦିବସ କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରଥମକରି ଜଣେ ମତଦାତା ଭାବରେ ମତଦାନ କରିଥିବାରୁ ମୋତେ ବହୁତ ଖୁସି ଲାଗୁଛି ଏବଂ ବହୁ ପ୍ରୋତ୍ସାହିତ ହୋଇଛି। ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ସମସ୍ତେ ଯତ୍ନର ସହିତ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ। ବିଶେଷକରି ଯୁବ ଭୋଟର ଆଗକୁ ଆସିଲେ ଅନ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ସୁଯୋଗ ପାଇବେ ବୋଲି ସ୍ୱପ୍ନା କହିଥିଲେ।



ଢେଙ୍କାନାଳ ସହର କୁଞ୍ଜକାନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୭୧ନଂ ବୁଥରେ ପ୍ରଥମ କରି ଭୋଟ ଦେଇ ଫେରୁଛନ୍ତି ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ।

# ଭୋଟ ବେଳେ ବିଭିନ୍ନ ଅଞ୍ଚଳରେ ଗଣ୍ଡଗୋଳ





ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ କିଶୋରନଗର ବ୍ଲକର ଏକ ବୁଥରେ ଭୋଟ ଦେବାକୁ ଭିଡ଼। ବିଧାୟକ ରମେଶ ସାଏ ଓ ତାଙ୍କ ସ୍ତ୍ରୀ ଏବଂ ଭାଜପା ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ଭୋଟ ଦେଉଛନ୍ତି।

■ଟିଭି ଖବରଦାତାଙ୍କୁ ଆକ୍ରମଣ
■ବିଳମ୍ବରେ ମତଦାନ ଯୋଗୁ ଅସନ୍ତୋଷ
■ବହୁ ସ୍ଥାନରେ ଇଭିଏମ୍ ଅଚଳ

ବଇଣ୍ଡା,୨୫ା୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀର କିଶୋରନଗର ବ୍ଲକ ହଣ୍ଡପା ଥାନା ବଇସିଣା ବିଦ୍ୟାଳୟ ନିକଟରେ ହୋଇଥିବା ବୁଥ୍‌ରେ ଶନିବାର ଭୋଟ ବେଳେ କେତେଜଣ ଅସମାଜିକ ଯୁବକ ହିଂସା ସୃଷ୍ଟି କରିବା ସହ ଏକ ଟିଭି ଚ୍ୟାନେଲ ଖବରଦାତାଙ୍କୁ ଆକ୍ରମଣ କରିଛନ୍ତି। ବିଲେଇନାଳୀଠାରେ ମଧ୍ୟ କେତେଜଣ ଯୁବକ ଗଣ୍ଡଗୋଳ ସୃଷ୍ଟି କରିଥିଲେ। ଠାକୁରଗଡ ଥାନା କୃତ୍ତିବାସପୁର ବିଦ୍ୟାଳୟଠାରେ ହୋଇଥିବା ବୁଥରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ନୁନୁକାପଶି, ଲୁହାମୁଣ୍ଡା, ଗାଁ ବଇଣ୍ଡା, ବିଲେଇନାଳୀ, ଅଙ୍ଗପଡା, ଠେଲକନାଳି, କଣ୍ଟେଇକୋଳିଆ ପଞ୍ଚାୟତର ଅନେକ ବୁଥ୍‌ରେ ଇଭିଏମ୍ ଅଚଳ ହୋଇପଡିବାରୁ ମତଦାନ ବିଳମ୍ବରେ ଗ୍ରହଣ ହୋଇଥିଲା। ବିଜେଡି ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ତାଙ୍କ ସ୍ତ୍ରୀଙ୍କ ସହ ତୁରୁଡା ବିଦ୍ୟାଳୟ ନିକଟରେ ହୋଇଥିବା ବୁଥ୍‌ରେ ମତଦାନ କରିଥିଲେ। ସେହିପରି ଭାଜପା ପ୍ରାର୍ଥୀ ସଞ୍ଜୀବ କୁମାର ସାହୁ ତାଙ୍କ ସ୍ତ୍ରୀଙ୍କ ସହ ଅଙ୍ଗପଡା ବିଦ୍ୟାଳୟଠାରେ ହୋଇଥିବା ବୁଥ୍‌ରେ ମତଦାନ କରିଥିଲେ। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ତାଙ୍କ ସ୍ତ୍ରୀଙ୍କ ସହ ବନ୍ଧଗାଁ ପ୍ରାଥମିକ ବିଦ୍ୟାଳୟ ନିକଟରେ ହୋଇଥିବା ବୁଥରେ ଭୋଟ ଦେଇଥିଲେ। ହଣ୍ଡପା ଥାନା ଅଞ୍ଚଳର ଅନେକ ସ୍ଥାନରେ ପ୍ରଚୁର ଚୋରା ମଦ କାରବାର ହେବା ଯୋଗୁ ଅନେକ ଯୁବକମାନେ ମଦ୍ୟପାନ କରି ରାସ୍ତା ମଝିରେ ଗଣ୍ଡଗୋଳ କରି ଆତଙ୍କ ସୃଷ୍ଟି କରିଥିଲେ। ଯାହାକି ଅନେକ ମହିଳା ଭୋଟର ଗଣ୍ଡଗୋଳକୁ ଦେଖି ଭୋଟ ଅଧା ରାସ୍ତାରୁ ଫେରି ଘରକୁ ପଳାଇ ଯାଇଥିଲେ। ଅନେକ ବୁଥରେ ଭୋଟର ରାତି ୭ ଟା ପର୍ଯ୍ୟନ୍ତ ଲମ୍ବା ଲାଇନରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା।

# ବୁଥରେ ପ୍ରଥମେ ମତଦାନ କଲେ ବିଧାୟକ ପ୍ରାର୍ଥୀ

ଭୁବନ,୨୫ା୫(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଧାନ ସଭା ଭାଜପା ପ୍ରାର୍ଥୀ ଶତ୍ରୁଘ୍ନ ଜେନା ନିଜ ଗ୍ରାମ ଭୁବନ ବ୍ଲକ ବାଲିଝାଟି ପ୍ରାଥମିକ ବିଦ୍ୟାଳୟର ଭୋଟ କେନ୍ଦ୍ରରେ ପ୍ରଥମ ମତଦାନ କରିଛନ୍ତି। ସେଠାରେ ସମସ୍ତ ଭୋଟର୍ ମାନେ ଶାନ୍ତି ଶୃଙ୍ଖଳାର ସହିତ ମତଦାନ କରୁଥିବାବେଳେ ସମସ୍ତ କର୍ମଚାରୀ ନିଜର କାର୍ଯ୍ୟ ସ୍ୱଚ୍ଛତା ଭାବେ ତୁଲାଉଛନ୍ତି। ଭୁବନ ଏନ୍ଏସିର ୧୫ଟି ୱାର୍ଡ ପାଇଁ ୧୮ଟି ସଖୀ କେନ୍ଦ୍ରରେ ମହିଳା କର୍ମଚାରୀ ଦାୟିତ୍ୱରେ ଅଛନ୍ତି। ଭୁବନ ବ୍ଲକର ୧୮ଟି ପଞ୍ଚାୟତର କେନ୍ଦ୍ର ଗୁଡିକରେ ମତଦାନ ହୋଇଥିଲା। ଅନେକ କର୍ମଚାରୀ ପ୍ରଥମ କରି ମତଦାନ ଦାୟିତ୍ୱରେ ଥିବାରୁ ଇଭିଏମ୍ ପରିଚାଳନା କରିପାରି ନ ଥିଲେ। ଫଳରେ ଭୋଟରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅନେକ ସ୍ଥାନରେ ଇଭିଏମ୍ ଘଣ୍ଟା ଘଣ୍ଟା ଧରି ଅଚଳ ଥିବାବେଳେ ଭୋଟରମାନଙ୍କ ମଧ୍ୟରେ ମାର୍‌ପିଟ୍ ହୋଇ ବୁଥ୍ ଗୁଡିକ ଉତ୍ତେଜନା ଥିଲା। ପୋଲିସ ପକ୍ଷରୁ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। ଏନ୍ଏସିର ୩ ନମ୍ବର, ୮ ନଂ, ୧୩ ନମ୍ବର, ୦୧ ନମ୍ବର ୱାର୍ଡ ଉତ୍ତେଜନା ଥିବାବେଳେ ବ୍ଲକର ମହୁଲ ପାଳ ସମେତ ବିଭିନ୍ନ ସ୍ଥାନରେ ଉତ୍ତେଜନା ଥିଲା। ଅଧିକାଂଶ କେନ୍ଦ୍ରରେ ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଭୁବନ ବ୍ଲକ ଓ ଏନ୍ଏସିରେ ହାରାହାରି ୭୪.୭୫ ହାର ମତଦାନ ହୋଇଥିବା ପ୍ରଶାସନ ପକ୍ଷରୁ ଜଣାପଡିଛି।




# ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ସରିଲା ମତଦାନ

## କେତେକ ବୁଥରେ ଇଭିଏମ୍‌ରେ ତ୍ରୁଟି, ବିଳମ୍ବରେ ମତଦାନ

ଛେଣ୍ଡିପଦା,୨୫ା୫(ଅଜିତ ଧଳ)

ଛେଣ୍ଡିପଦା ବିଧାନସଭା କ୍ଷେତ୍ରରେ ଶନିବାର ତୃତୀୟ ପର୍ଯ୍ୟାୟ ମତଦାନ କେତୋଟି ସ୍ଥାନରେ ଅସୁବିଧା ହୋଇଥିବାବେଳେ ଅନ୍ୟ ସମସ୍ତ ସ୍ଥାନରେ ନିର୍ବାଚନରେ ଉଭୟ ଲୋକ ସଭା ଓ ବିଧାନସଭା ପାଇଁ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। କେତେକ ସ୍ଥାନରେ ନିର୍ବାଚନକୁ ନେଇ ଛୋଟ ମୋଟ୍ ଉତ୍ତେଜନା ଦେଖା ଦେଇଥିବାବେଳେ କେତେକ ସ୍ଥାନରେ ଭୋଟିଂ ମେଶିନ ଅଚଳ ରହିବା ସହିତ ମତଦାନ ବିଳମ୍ବରେ ହୋଇଥିବାରୁ ମତଦାନ ସନ୍ଧ୍ୟା ୬ଟା ସୁଦ୍ଧା ଚାଲିଥିଲା। ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୧୧ ହଜାର ୨୧୨ ଜଣ ମତଦାତା ୨୨୭ଟି ବୁଥରେ ମତଦାନ କରିଥିଲେ। ଏହି ନିର୍ବାଚନବେଳେ କୋଶଳା, ମାଛକୁଟା, ପାଟକୁମୁଣ୍ଡା, ବରସାହି, ପାତ୍ରପଡା, ବ୍ରାହ୍ମଣବିଲ ଆଦି ପଞ୍ଚାୟତ ଗୁଡିକରେ ଥିବା କେତେକ ମତଦାନ କେନ୍ଦ୍ରରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଥିଲା।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ନିର୍ଦ୍ଧାରିତ ସମୟରେ ପୁଲିଂ ପାର୍ଟି ପହଞ୍ଚିବା ସହିତ ଭୋର ୫ଟା୩୦ରେ ମକପୋଲ ତାପରେ ୭ଟାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ବିଧାନସଭା କ୍ଷେତ୍ରରେ ବିଜେଡିର ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଭାଜପା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା, କଂଗ୍ରେସ ବିଧାୟକ ପ୍ରାର୍ଥୀ ନରୋତ୍ତମ ନାୟକ ଓ ସ୍ୱାଧୀନ ପ୍ରାର୍ଥୀ ଏସ୍‌ୟୁସିଆଇର ପ୍ରାର୍ଥୀ ଭରତ କୁମାର ନାଏକ, ରାଷ୍ଟ୍ରୀୟ ମାନବ ପାର୍ଟିର ଏମ୍‌ପି ପ୍ରାର୍ଥୀ ଖଗେଶ୍ୱର ବେହେରା ନିଜର ବୁଥକୁ ଯାଇ ମତଦାନ କରିଥିଲେ। ପ୍ରାୟ ୧୦ ରୁ ୧୫ଟି ବୁଥ୍‌ରେ ଅଧଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ମତଦାନ ପାଇଁ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲେ ହେଁ କେତେକ ଜାଗାରେ ସାଧାରଣ ଭୋଟର ଅସୁବିଧା ଭୋଗ କରିଥିଲେ। ଲୋକମାନେ ବୁଥକୁ ଆସି ମେଶିନ ଖରାପ ଯୋଗୁ ବହୁ ସମୟ ଧରି ଧାଡିରେ ଛିଡା ହୋଇ ରହିଥିଲେ। କେତେକ କେନ୍ଦ୍ରରେ ବିଭିନ୍ନ ଅସୁବିଧା ହେତୁ ମତଦାନ ବିଳମ୍ବ ହୋଇଥିଲା। ଏହାସହ କିଛି ବୁଥ୍‌ରେ କାଁ ଭାଁ ଗଣ୍ଡଗୋଳ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ଏହି ମତଦାନ ଚାଲିଥିବାବେଳେ ମାଛକୁଟାରେ ୨ ବ୍ୟକ୍ତିଙ୍କ ମଧ୍ୟରେ ଭୋଟ୍ ଦେବାକୁ କେନ୍ଦ୍ର କରି ବଚସାରୁ କଟୁରୀରେ ଆକ୍ରମଣ ହୋଇଥିଲା। ସେହିପରି ପାଟକୁମୁଣ୍ଡା ପଞ୍ଚାୟତରେ ମଧ୍ୟ ଭୋଟ୍ ଦେବାକୁ କେନ୍ଦ୍ର କରି ଉତ୍ତେଜନା ଦେଖାଦେଇଥିଲା। କୋଶଳା ଶିମିଳିସାହି ମତଦାନ କେନ୍ଦ୍ରକୁ ଛେଣ୍ଡିପଦା ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ବୁଲିବାକୁ ଯାଇଥିବାବେଳେ ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏହି ଘଟଣାକୁ ନେଇ ଛେଣ୍ଡିପଦା ଥାନାରେ ପୃଥକ ପୃଥକ ଭାବେ ୩ଟି ଅଭିଯୋଗ ହୋଇଛି। ଛେଣ୍ଡିପଦାର ୪୯ ନଂ. ବୁଥ୍‌ର ୨ୟ ପୁଲିଂ ଅଫିସର ମତଦାନ ଚାଲିଥିବାବେଳେ ସବିତା ବେହେରା ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କୋଶଳା ଉଚ୍ଚବିଦ୍ୟାଳୟରେ ବୁଥରେ କୋଶଳା ଗ୍ରାମର ଦୁଇ ଯୁବକଙ୍କ ସହ ଗଣ୍ଡଗୋଳ ହୋଇଥିଲା। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମତଦାନ କେନ୍ଦ୍ରରେ ଖବର ଲେଖା ହେବା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଏହି ମତଦାନ ପ୍ରାୟ ରାତି ୧୦ ରୁ ୧୧ଟାରେ ସରିବାର ସମ୍ଭାବନା ରହିଛି ।



# ଇଭିଏମ୍‌ରେ ସିଲ୍ ହେଲା ୩୪ ପ୍ରାର୍ଥୀଙ୍କ ଭାଗ୍ୟ

**ଅନୁଗୋଳ,୨୫।୫ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀରେ ଶନିବାର ମତଦାନ ଶେଷ ହୋଇଛି। ରାତି ପର୍ଯ୍ୟନ୍ତ ବିଭିନ୍ନ ବୁଥ୍‌ରେ ମତଦାନ ଜାରି ରହିଥିଲା। କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ପାଇଁ ମତଦାନ ବିଳମ୍ବିତ ହୋଇଥିଲା। ଆଉ କେତେକ ବୁଥ୍‌ରେ ସମୟ ସରିବା ପୂର୍ବରୁ ଭିଡ଼ ହେବା କାରଣରୁ ମତଦାନ ବିଳମ୍ବ ହୋଇଥିଲା। ତେବେ ଜିଲ୍ଲାରେ ୮୧.୨୩ ପ୍ରତିଶତ ମତଦାନ ହୋଇଥିବା ସୂଚନା ପ୍ରଦାନ କରାଯାଇଛି। ଏଥିସହ ୩୪ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। କାଁ ଭାଁ ଗଣ୍ଡଗୋଳକୁ ଛାଡ଼ିଦେଲେ ସେଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ।

## ଜିଲ୍ଲାରେ ୮୧.୨୩ ପ୍ରତିଶତ ମତଦାନ

ଜିଲ୍ଲାର ମୋଟ ୧୧୬୩ ମତଦାନ କେନ୍ଦ୍ରରେ ୩୪ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି ୯ ଲକ୍ଷ ୭୮ ହଜାର ୬୨୩ ଜଣ ଭୋଟର। ସକାଳ ୭ଟାରୁ ବିଭିନ୍ନ ବୁଥ୍ ଆଗରେ ଭୋଟରଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ବିଭିନ୍ନ ବୁଥ୍‌ରେ କେତେଜଣ ଭୋଟରଙ୍କ ନାମ ନ ଥିବାରୁ ସେମାନେ ନିରାଶ ହୋଇ ଫେରିଥିଲେ। ସକାଳ ୭ଟାରୁ ମତଦାନ ଆରମ୍ଭ ହେବା ପରେ ୯ଟା ମଧ୍ୟରେ ଜିଲ୍ଲାରେ ୯ ପ୍ରତିଶତ ଭୋଟ ହାର ରହିଥିଲା। ପାଲଲହଡ଼ାରେ ସର୍ବାଧିକ ୮.୨ ପ୍ରତିଶତ, ତାଳଚେରରେ ୬ ପ୍ରତିଶତ, ଅନୁଗୋଳରେ ୬.୨, ଛେଣ୍ଡିପଦାରେ ୭.୨ ଏବଂ ଆଠମଲ୍ଲିକରେ ୬ ପ୍ରତିଶତ ମତଦାତା ସେମାନଙ୍କ ମତସାବ୍ୟସ୍ତ କରିଥିଲେ। ଏହାପରେ ପୂର୍ବାହ୍ନ ୧୧ଟା ମଧ୍ୟରେ ପାଲଲହଡ଼ାରେ ସର୍ବାଧିକ ୩୬.୩୪ ପ୍ରତିଶତ ମତଦାନ ହାର ରହିଥିବାବେଳେ ତାଳଚେରରେ ୨୧, ଅନୁଗୋଳରେ ୧୯.୭, ଛେଣ୍ଡିପଦାରେ ୨୦.୩ ଏବଂ ଆଠମଲ୍ଲିକରେ ୧୮.୬ ପ୍ରତିଶତ ମତଦାନ ହୋଇଥିଲା। ଅପରାହ୍ନ ୧ଟା ମଧ୍ୟରେ ପାଲଲହଡ଼ାରେ ସର୍ବାଧିକ ୪୩.୭୬ ପ୍ରତିଶତ, ତାଳଚେରରେ ୩୫, ଅନୁଗୋଳରେ ୩୧.୭, ଛେଣ୍ଡିପଦାରେ ୩୮ ଏବଂ ଆଠମଲ୍ଲିକରେ ୩୪.୨୫ ପ୍ରତିଶତ ମତଦାନ ହୋଇଥିଲା। ଅପରାହ୍ନ ୩ଟା ମଧ୍ୟରେ ପାଲଲହଡ଼ାରେ ସର୍ବାଧିକ ୬୨.୧୩ ପ୍ରତିଶତ, ତାଳଚେରରେ ୫୨, ଅନୁଗୋଳରେ ୫୦.୮, ଛେଣ୍ଡିପଦାରେ ୫୧.୪ ଏବଂ ଆଠମଲ୍ଲିକରେ ୫୦.୫ ପ୍ରତିଶତ ମତଦାନ ହୋଇଥିଲା। ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପାଲଲହଡ଼ାରେ ସର୍ବାଧିକ ୭୩.୮୬ ପ୍ରତିଶତ ମତଦାନ ହାର ରହିଥିବାବେଳେ ତାଳଚେରରେ ୬୪, ଅନୁଗୋଳରେ ୫୭.୬, ଛେଣ୍ଡିପଦାରେ ୬୫.୫ ଏବଂ ଆଠମଲ୍ଲିକରେ ୬୬.୨ ପ୍ରତିଶତ ମତଦାନ ହୋଇଥିଲା। ଏହାପରେ ରାତି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଲୋକଙ୍କ ଗହଳିଲାଗିଥିବାରୁ ମତଦାନ ପ୍ରକ୍ରିୟା ଜାରି ରହିଥିଲା। ତେବେ ଶେଷ ଖବର ସୁଦ୍ଧା ପାଲଲହଡ଼ାରେ ୮୨.୧୪ ପ୍ରତିଶତ ମତଦାନ ହୋଇଥିବା ବେଳେ ତାଳଚେରରେ ୭୬, ଅନୁଗୋଳରେ ୭୮.୪, ଛେଣ୍ଡିପଦାରେ ୮୩.୨୭, ଆଠମଲ୍ଲିକରେ ସର୍ବାଧିକ ୮୫.୪୨ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ଅନୁଗୋଳ ନିର୍ବାଚନମଣ୍ଡଳୀରେ ଥିବା କଲେଜପଡ଼ା ପ୍ରାଥମିକ ବିଦ୍ୟାଳୟର ବୁଥ ନଂ ୩୬ରେ ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତାର ନିଜର ମତାଧିକାର ସାବ୍ୟସ୍ତ କରିଥିବାବେଳେ ଉକ୍ତ ବୁଥ୍‌ରେ ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ଭୋଟ ଦେଇଥିଲେ। ବିଜେଡି ବିଧାୟିକା ପ୍ରାର୍ଥୀ ସଂଯୁକ୍ତା ସିଂହ ଗୋଟମରା ସ୍ଥିତ ବୁଥ୍ ନଂ. ୮୫ରେ ମତସାବ୍ୟସ୍ତ କରିଥିଲେ। ସେହିଭଳି ଅନୁଗୋଳର କଂଗ୍ରେସ ପ୍ରାର୍ଥୀ ଅମ୍ବିକା ଭଞ୍ଜ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଥିବା ବୁଥ୍ ନଂ ୩୪ରେ ନିଜର ମତ ସାବ୍ୟସ୍ତ କରିଥିଲେ। ଜିଲ୍ଲାରେ ଥିବା ୮୭ଟି ସମ୍ବେଦନଶୀଳ ବୁଥ୍‌ରେ ସେଭଳି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମୋଟାମୋଟି ଭାବେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଥିବା ଜିଲ୍ଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।





ଅନୁଗୋଳରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ଭୋଟ ଦେଉଥିବାବେଳେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅମ୍ବିକା ଭଟ ଓ ବିଜେଡି ବିଧାୟକ ପ୍ରାର୍ଥୀ ସଂଯୁକ୍ତା ସିଂହ ଭୋଟ ଦେଇଛନ୍ତି।



ଅନୁଗୋଳ ବାଳିକା ବିଦ୍ୟାଳୟସ୍ଥିତ ବୁଥ୍‌କୁ ଜଣେ ମହିଳାଙ୍କୁ ହୁଇଲ ଚେୟାରରେ ନିଆଯାଉଛି।







ଅନୁଗୋଳସ୍ଥିତ ଆଦର୍ଶ ମତଦାନ କେନ୍ଦ୍ରକୁ ଭୋଟରମାନେ ଯାଉଛନ୍ତି।

# ଆଠମଲ୍ଲିକ: ବିଳମ୍ବିତ ସନ୍ଧ୍ୟା ଯାଏ ମତଦାନ

**ଆଠମଲ୍ଲିକ,୨୫।୫(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ଶନିବାର ଉତ୍ସାହର ସହ ଭୋଟଗ୍ରହଣ ହୋଇଛି। ସକାଳ ୭ଟା ରୁ ସମସ୍ତ ବୁଥରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବେଳେ ରାତି ୮ ସୁଦ୍ଧା କେତେକ ବୁଥରେ ମତଦାନ ପ୍ରକ୍ରିୟା ଜାରି ରହିଥିଲା। ଟାଣ ଖରା ସହିତ ପ୍ରବଳ ଗୁଳୁଗୁଳି ହେଉଥିବା ସତ୍ତ୍ୱେ ସମସ୍ତ ବୁଥରେ ଭୋଟରଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। କାଁ ଭାଁ କିଛି ବୁଥରେ ଇଭିଏମ ଅଚଳ ହେଉ କିମ୍ବା କୌଣସି କାରଣରୁ ଭୋଟ ଦାନରେ ବିଳମ୍ବ ଯୋଗୁ ଉତ୍ତେଜନା ପ୍ରକାଶ ପାଇଥିଲେ ମଧ୍ୟ ପ୍ରାୟ ବୁଥରେ ଭୋଟ ଦାନ ପ୍ରକ୍ରିୟା ସୁରୁଖୁରୁରେ ଚାଲିଥିଲା। କେତୋଟି ବୁଥ୍‌ରେ ରାଜନୈତିକ ଦଳ ମଧ୍ୟରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲେ ମଧ୍ୟ ମୋଟାମୋଟି ଭାବରେ ଶାନ୍ତିପୂର୍ଣ୍ଣ ଥିଲା ବୋଲି ଏସଡିପିଓ ବାଳକୃଷ୍ଣ କଅଁର ସୂଚନା ଦେଇଛନ୍ତି। ରାତି ୮ଟା ସୁଦ୍ଧା କୌଣସି ପୋଲିଂ ପାର୍ଟି ଆଠମଲ୍ଲିକ କଲେଜରେ ହୋଇଥିବା ଷ୍ଟ୍ରଙ୍ଗ ରୁମକୁ ଫେରି ନ ଥିବାରୁ ମତଦାନ ହାର ସ୍ପଷ୍ଟ ଭାବରେ ମିଳି ପାରି ନ ଥିବା ବେଳେ ୮୫.୪୨ ପ୍ରତିଶତ ମତଦାନ ହୋଇଥିବା ଉପ ଜିଲ୍ଲାପାଳ ତଥା ରିର୍ଟର୍ନିଂ ଅଧିକାରୀ ଡ. ଜିତେନ୍ଦ୍ର କୁମାର ପାତ୍ର ସୂଚନା ଦେଇଛନ୍ତି।





ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସଖୀ ବୁଥ କରାଯିବା ସହିତ ବାଲୁକା ଶିଳ୍ପୀଙ୍କ ଦ୍ୱାରା ଭୋଟର୍ ସଚେତନତା ପାଇଁ ବାଲୁକା କଳା ପ୍ରଦର୍ଶିତ ହୋଇଛି।



ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବିଧାନସଭା କ୍ଷେତ୍ରରେ ଶନିବାର ଭୋଟ ଗ୍ରହଣ ବେଳେ କୋଶଳା ସିମିଳିସାହି ଠାରେ ଥିବା ୮୪ ନମ୍ବର ବୁଥ୍ ନିକଟରେ ଛେଣ୍ତିପଦା ବିଧାୟକ ତଥା ବିଜେଡିର ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଓ ଭାଜପା କର୍ମୀ ସିଦ୍ଧାର୍ଥ ଶଙ୍କର ମୁହାଁମୁହିଁ ହୋଇଥିଲେ। ଏହାକୁ ନେଇ ବୁଥ ନିକଟରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ପାଲଲହଡ଼ାରେ ୮୨.୧୪% ମତଦାନ

**ପାଲଲହଡ଼ା,୨୫।୫(ଦିବ୍ୟଜ୍ୟୋତି ଦାଶ)**

ପାଲଲହଡା ବିଧାନସଭା ନିର୍ବାଚନମଣ୍ଡଳୀରେ ଶନିବାର ଭୋଟଗ୍ରହଣ ଶେଷ ହୋଇଛି। ଏଠାରେ ୮୨.୧୪ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ପାଲଲହଡ଼ା ବିଧାନସଭା ଆସନ ପାଇଁ ୮ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଥିବାବେଳେ ବିଜେଡି ପ୍ରାର୍ଥୀ ବିଧାୟକ ମୁକେଶ ପାଲ, ଭାଜପା ପ୍ରାର୍ଥୀ ଅଶୋକ ମହାନ୍ତି ଏବଂ କଂଗ୍ରେସର ଫକୀର ସାମଲଙ୍କ ମଧ୍ୟରେ ମୁଖ୍ୟତଃ ମୁକାବିଲା ହୋଇଥିବା ଦେଖିବାକୁ ମିଳିଥିଲା। ନିର୍ବାଚନମଣ୍ଡଳୀରେ ୧,୭୭.୦୨୧ ଜଣ ମତଦାତା ଥିବାବେଳେ ସନ୍ଧ୍ୟା ୭ ଘଟିକା ସୁଦ୍ଧା ୮୨.୧୪% ମତଦାନ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ବିଜେଡି ପ୍ରାର୍ଥୀ ମୁକେଶ ପାଲ ନିଜ ସ୍ତ୍ରୀଙ୍କ ସହିତ ପାଲଲହଡା ବ୍ଲକ ବାଲିପଶି ପଞ୍ଚାୟତର ୨୭ ନମ୍ବର ବୁଥରେ ମତଦାନ କରିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଫକୀର ସାମଲ ବଜ୍ରକୋଟ ପଞ୍ଚାୟତ ୧୭୯ ନମ୍ବର ବୁଥରେ ମତଦାନ କରିଥିଲେ। ସେହିପରି ଭାଜପା ପ୍ରାର୍ଥୀ ଅଶୋକ ମହାନ୍ତି କୁଲେଇ ପଞ୍ଚାୟତ ୨୦୬ ନମ୍ବର ବୁଥରେ ମତଦାନ କରିଥିଲେ। ସନ୍ଧ୍ୟା ସୁଦ୍ଧା ଅଧିକାଂଶ ଜାଗାରେ ମତଦାନ ସରିଥିବା ବେଳେ ଆଉ କିଛି ଜାଗାରେ ମତଦାନ ଜାରି ରହିଥିବା ସୂଚନା ମିଳିଛି। ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ହୋଇଥିବା ବେଳେ ନମପଶି ଗ୍ରାମରେ ଥିବା ବୁଥ୍‌ରେ ସାମାନ୍ୟ ଉତ୍ତେଜନା ସହ ପୋଲିଂ ପାର୍ଟିକୁ ଗ୍ରାମର କେତେଜଣ ମହିଳା ଅଟକ ରଖିଥିବା ବେଳେ ପାଲଲହଡା ଥାନା ଅଧିକାରୀ ପାରାଓ ଟୁଡୁ ଘଟଣାସ୍ଥଳରେ ପହଞ୍ଚି ପୋଲିଂ ପାର୍ଟିକୁ ଉଦ୍ଧାର କରିଥିଲେ। ସେହିପରି ବିଭିନ୍ନ ସ୍ଥାନରୁ ଇଭିଏମ୍ ତ୍ରୁଟି ପାଇଁ ଭୋଟଦାନରେ ବିଳମ୍ବ ଦେଖା ଦେଇଥିବାବେଳେ କିଛି ସ୍ଥାନରେ ତ୍ରୁଟିପୂର୍ଣ୍ଣ ଇଭିଏମ ବଦଳା ଯାଇଥିଲା ଏବଂ କିଛି ଇଭିଏମକୁ ଅଧିକାରୀମାନେ ସଜାଡି ଭୋଟ ଦାନକୁ ସ୍ୱାଭାବିକ କରିଥିଲେ। କିଛି ବୁଥରେ ପିଇବା ପାଣି ବ୍ୟବସ୍ଥା କରାଯାଇ ନ ଥିବା ଏବଂ କିଛି ବୁଥରେ ଖରାରୁ ରକ୍ଷା ପାଇବା ପାଇଁ ଅସ୍ଥାୟୀ ଟେଣ୍ଟ ବ୍ୟବସ୍ଥା କରାଯାଇ ନ ଥିବାରୁ ଭୋଟରମାନେ ଖରାରେ ଠିଆ ହୋଇ ହଇରାଣ ହୋଇଥିବା ଅଭିଯୋଗ ହୋଇଥିଲା।



# ବହୁ ବୁଥ୍‌ରେ ମତଦାନ ବିଳମ୍ବ

**ଅନୁଗୋଳ,୨୫।୫ (ଅମିତ କୁମାର ସାମଲ)**




ଅନୁଗୋଳ ଜିଲ୍ଲାରେ ଶନିବାର ଭୋଟଗ୍ରହଣ ଶେଷ ହୋଇଛି। ମତଦାତାମାନେ ଉତ୍ସାହର ସହ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଜିଲ୍ଲାରେ ଥିବା ୧୧୬୩ଟି ମତଦାନ କେନ୍ଦ୍ର ମଧ୍ୟରୁ ଅନେକ ମତଦାନ କେନ୍ଦ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। କେଉଁଠି ଇଭିଏମ୍‌ରେ ତ୍ରୁଟି, ତ ପୁଣି କେଉଁଠି ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ଭୋଟଦାନ ବିଳମ୍ବିତ ହୋଇଥିଲା। ସେହିପରି ପ୍ରଚଣ୍ଡ ଖରାରୁ ଭୋଟରଙ୍କୁ ରକ୍ଷା କରିବାକୁ ବୁଥ୍‌ଗୁଡ଼ିକରେ ସେପରି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଅନେକ ମତଦାନ କେନ୍ଦ୍ରରେ ମତଦାତାମାନେ ବିଳମ୍ବରେ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିଲେ।

ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ହେଲେ ଏହା ପୂର୍ବରୁ ବହୁ ବୁଥରେ ଭୋଟରଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ଧରି ଧାଡ଼ିରେ ଠିଆ ହୋଇଥିଲେ ବି କେଉଁଠି ଘଣ୍ଟାଏ ଆଉ କେଉଁଠି ଦୁଇଘଣ୍ଟା ଧରି ମତାଦାନ ବିଳମ୍ବ ହୋଇଥିଲା। ଏଭଳି କି ଏକାଧିକ ବୁଥ୍‌ରେ ରାତି ପ୍ରାୟ ୧୧ଟା ପରେ ମତଦାନ ଶେଷ ହୋଇଥିଲା। ପରିଚାଳନାରେ ଏଭଳି ତ୍ରୁଟି ପାଇଁ ଭୋଟରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମଳିଥିଲା। ଦୀର୍ଘ ୩ ମାସ ହେବ ନିର୍ବାଚନ ପାଇଁ ପ୍ରସ୍ତୁତି ଏବଂ ପ୍ରଶିକ୍ଷଣ ଚାଲିଥିବାବେଳେ ଜିଲ୍ଲାରେ ମତଦାନ ଏଭଳି ବିଳମ୍ବିତ ହେବା ପ୍ରଶାସନର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାସନ ପକ୍ଷରୁ ରାଜନୈତିକ ଲୋକଙ୍କ ଏଜେଣ୍ଟ ସମ୍ମୁଖରେ ମକ୍ ପୋଲ ସମୟରେ କେତେକ ଇଭିଏମ୍ ଓ ଭିଭିପିଏଟି ଖୋଲି ନ ଥିଲା। ଆଉ କେତେକ ସ୍ଥାନରେ ପୋଲିଂ ଅଧିକାରୀଙ୍କ ପରିଚାଳନାଗତ ତ୍ରୁଟି ଦେଖିବାକୁ ମିଳିଥିଲା। ଏହାକୁ ନେଇ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ନୂଆହତାର ବୁଥ୍ ନଂ. ୧୧୫ରେ ଇଭିଏମ୍ କାମ କରି ନ ଥିବାରୁ ଦୁଇ ଘଣ୍ଟା ପରେ ମତଦାନ ଅନୁଷ୍ଠିତ ହୋଇଥିଲା। ସେଠାରେ ନୂତନ ଇଭିଏମ୍ ଲଗାଇବା ପରେ ମତଦାନ କରାଯାଇଥିଲା। ସେହିଭଳି ଅନେକ ସ୍ଥାନରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଏଥିସହ ପ୍ରଚଣ୍ଡ ଖରାରେ ଲୋକମାନେ ଶିଝୁଥିଲେ ମଧ୍ୟ ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ସହରର ହେମସୁରପଡ଼ାରେ ଥିବା ଉତ୍ତରପଡ଼ା ବିଦ୍ୟାଳୟରେ ଥିବା ୨୮, ୨୯ ଏବଂ ୩୦, ୩୧ ନମ୍ବର ବୁଥ୍‌ରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ମୁଣ୍ଡ ଫଟା ଖରାରେ ଲୋକମାନେ ମତ ସାବ୍ୟସ୍ତ କରିବାକୁ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇଥିଲେ। ଆଉ କେତେଜଣ ଛାଇ ଦେଖି ଗଛ ତଳେ ବସି ରହିଥିବା ଦେଖିବାକୁ ମିଳୁଥିଲା। ଏଥିସହ ବିଭିନ୍ନ ମତଦାନ କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ହୋଇ ନ ଥିବା ଭୋଟରମାନେ ଅଭିଯୋଗ କରିଛନ୍ତି। ଫଳରେ ଖରା କମିବା ପରେ ଲୋକମାନେ ନିଜର ମତ ସାବ୍ୟସ୍ତ କରିବାକୁ ଯାଇଥିଲେ। ତେଣୁ ଜିଲ୍ଲାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଏନେଇ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ଯେଉଁଠାରେ ଇଭିଏମ୍ ଓ ଭିଭିପିଏଟି ଅଚଳ ହୋଇଥିଲା ତୁରନ୍ତ ତାହାକୁ ବଦଳା ଯାଇଥିଲା। ତେବେ ଶାନ୍ତିଶୃଙ୍ଖଳାର ମତଦାନ ହୋଇଥିବା କୁହାଯାଇଛି। ଲୋକଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା କଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

■ଇଭିଏମ୍ ତ୍ରୁଟି, ପରିଚାଳନାରେ ଅବ୍ୟବସ୍ଥା

■ଭୋଟରଙ୍କୁ ଅଡ଼ୁଆ ହେଲା ପ୍ରଚଣ୍ଡ ଖରା, ଗୁଳୁଗୁଳି

